# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**28th November - 2025**

**************************************

***Desk***

## ବିଧାନସଭା

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନରେ ଆଜି ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ଆର୍ଥିକ ବର୍ଷପାଇଁ ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ । ପ୍ରାୟ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅତିରିକ୍ତ ବଜେଟ୍ ପ୍ରସ୍ତାବ ଶ୍ରୀ ମାଝୀ ଗୃହରେ ଆଗତ କରିବେ ବୋଲି ଜଣାପଡ଼ିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାଲି ଅଧିବେଶନର ପ୍ରଥମ ଦିନରେ ସାଂସଦ, ବିଧାୟକ ଓ ସଦସ୍ୟମାନଙ୍କୁ ସମ୍ବୋଧନ କରିଥିଲେ ।  ଗୃହ ଏବଂ ଗୃହ ବାହାରେ ସଦସ୍ୟମାନଙ୍କର ଆଚରଣ ଓ ଉଚ୍ଚାରଣରେ ସଂଯମତା ରଖିବାପାଇଁ ରାଷ୍ଟ୍ରପତି ପରାମର୍ଶ ଦେଇଥିଲେ ।

***Desk***

## ଦେବ୍ରିଗଡ଼ ଅଭୟାରଣ୍ୟ

ସମ୍ବଲପୁରସ୍ଥିତ ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଅନ୍ତର୍ଜାତିକ ଇକୋ-ଟୁରିଜିମ୍ ଭାବେ ବିକଶିତ କରିବାପାଇଁ ଜଙ୍ଗଲ ଓ ପରିବେଶ ବିଭାଗ

ପକ୍ଷରୁ ୭୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିସ୍ତୃତ ବିକଳ୍ପ ରିପୋର୍ଟ ମଞ୍ଜୁର ହୋଇଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଆନ୍ତର୍ଜାତିକ ସ୍ତରରେ ଏହି ଅଭୟାରଣ୍ୟ ବନ୍ୟଜନ୍ତୁ ସଂରକ୍ଷଣରେ ସହାୟକ କେହବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଅଭୟାରଣ୍ୟର ୧୦୦ କିଲୋମିଟର ପରିସୀମା ଚାରିପଟେ ପାଚେରୀ ନିର୍ମାଣପାଇଁ ସ୍ୱତନ୍ତ୍ର ଭାବେ ଅତିରିକ୍ତ ୧୪ କୋଟି ଟଙ୍କା ମଞ୍ଜୁର କରିବାପାଇଁ ଅନୁରୋଧ କରାଯାଇଛି ।

***Desk***

# ଆନ୍ତର୍ଜାତିକ ବାଣିଜ୍ୟ ମେଳା

ନୂଆଦିଲ୍ଲୀରେ ଆୟୋଜିତ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳା-୨୦୨୫ରେ ଓଡ଼ିଶା ସ୍ୱର୍ଣ୍ଣପଦକ ହାସଲ କରିଛି । ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଙ୍ଗଠନ ପକ୍ଷରୁ ଗତକାଲି ଏହି ପୁରସ୍କାର ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସଫଳତାପାଇଁ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି । ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଦର୍ଶନୀ ମଣ୍ଡପମାନ ଖୋଲା ଯାଇଥିଲା । କ୍ରମାଗତ ଭାବେ ଚତୁର୍ଥ ଥରପାଇଁ ଓଡ଼ିଶା ପୁରସ୍କୃତ ହେବା ସହ ଚଳିତ ଥରକୁ ମିଶାଇ ୨ ଥର ସ୍ୱର୍ଣ୍ଣପଦକ ହାସଲ କରିଛି । ରାଜ୍ୟ ସରକାରଙ୍କ ୯ଟି ବିଭାଗର ୨୬ଟି ଷ୍ଟଲ୍ ଓଡ଼ିଶା ମଣ୍ଡପରେ ସ୍ଥାନ ପାଇଥିଲା ।

*Desk*

# ଶ୍ରମ ସଂହିତା

କେନ୍ଦ୍ର ସରକାର ଆତ୍ମନିର୍ଭର ଭାରତପାଇଁ ଶ୍ରମ ସଂସ୍କାର କ୍ଷେତ୍ରରେ ୪ଟି ନୂତନ ଆଇନର ପ୍ରଣୟନ କରିଛନ୍ତି । ଏହି ଆଇନ ଅନୁସାରେ ସଙ୍ଗଠିତ ଓ ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନେ ପ୍ରତିମାସ ୭ ତାରିଖ ସୁଦ୍ଧା ବେତନ ପାଇବା ନେଇ ସମୟ ନିର୍ଦ୍ଧାର କରାଯାଇଛି । ଗୋଟିଏ ବର୍ଷରେ ୧୮୦ ଦିନ କାର୍ଯ୍ୟ କରିବା ପରେ ବାର୍ଷିକ ପ୍ରାପ୍ୟଯୁକ୍ତ ଛୁଟିର ମଧ୍ଯ ଆଇନରେ ବ୍ୟବସ୍ଥା ରହିଛି ।

*Ganjam/R*

# ଗବେଷଣା ସମ୍ମିଳନୀ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟଠାରେ ଓଡ଼ିଶା ଗବେଷଣା ସମ୍ମିଳନୀ-୨୦୨୫ ଗତକାଲିଠାରୁ ଆରମ୍ଭ ହୋଇଛି । କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ପୌରୋହିତ୍ୟରେ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ଠାରେ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହ ଆୟୋଜିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ଏହି ସମ୍ମିଳନୀରେ ୧୭ଟି ବିଶ୍ୱବିଦ୍ୟାଳୟର ୬୫୭ ଜଣ ଗବେଷକ, ଅଧ୍ୟାପକ ଓ ଶିକ୍ଷାବିତ୍ ଯୋଗ ଦେଇଛନ୍ତି । ତିନିଦିନିଆ ଏହି ସମ୍ମିଳନୀ ଆସନ୍ତାକାଲି ଉଦ୍‌ଯାପିତ ହେବ ।

*Nabarangpur/R*

## ନିଯୁକ୍ତି ମେଳା

ନବରଙ୍ଗପୁର ସରୋଜିନୀ ଭବନଠାରେ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କପାଇଁ ଏକ ଜିଲ୍ଲାସ୍ତରୀୟ ପରାମର୍ଶ ତଥା ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମଙ୍ଗଳ ବିଭାଗ ଓ ନବରଙ୍ଗପୁର ବ୍ଲକ୍ ଆନୁକୂଲ୍ୟରେ ଆୟୋଜିତ ଏହି ମେଳାରେ ବିଭିନ୍ନ ବ୍ଲକ୍‌ର ୧୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

*Nuapada/R*

## ମତ୍ସ୍ୟଚାଷ - ସମୀକ୍ଷା ବୈଠକ

ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ବିଭାଗ କାର୍ଯ୍ୟାବଳୀ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମତ୍ସ୍ୟ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟ ନେଇ ସଘନ ମତ୍ସ୍ୟଚାଷ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

*Desk*

# ପାଲା ସମାରୋହ

ଭୁବନେଶ୍ୱର ଭଞ୍ଜ କଳାମଣ୍ଡପଠାରେ ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ସମାରୋହ ଗତ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ସମାରୋହର ଆୟୋଜନ କରାଯାଇଥିଲା । ଉଦ୍‌ଯାପନୀ ସମାରୋହରେ ୧୨ ଜଣ ପାଲାଗାୟକ ଓ ଗାୟିକାଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି ।

*Bolangir/R*

# ବିଦ୍ୟାଳୟ ସମୂହ କ୍ରୀଡ଼ା

୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଗତକାଲି ଉଦ୍‌ଘାଟିତ ହୋଇଯାଇଛି । ବଲାଙ୍ଗିର ଗାନ୍ଧି ଷ୍ଟାଡିୟମ୍‌ଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବାଳକ ବାଳିକା ବର୍ଗରେ ଫୁଟ୍‌ବଲ୍, ଫେନ୍‌ସିଙ୍ଗ୍ ଏବଂ ଥାଙ୍ଗଟା କ୍ରୀଡ଼ା ଅନୁଷ୍ଠିତ ହେଉଛି । ୪ ଦିନ ଧରି ଚାଲିବାକୁ ଥିବା ବିଭିନ୍ନ ପ୍ରତିଯୋଗିତାରେ ୩୦ଟି ଜିଲ୍ଲା ଏବଂ ଗୋଟିଏ କ୍ରୀଡ଼ା ଜିଲ୍ଲାର ପ୍ରାୟ ୧ ହଜାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି ।

*Desk*

## ଓଡ଼ିଶା ମାଷ୍ଟର୍ସ-୨୦୨୫

କଟକ ଜବାହରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଆସନ୍ତା ମାସ ୯ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ମାଷ୍ଟର୍ସ-୨୦୨୫ ବି.ଡବ୍ଲ୍ୟୁ.ଏଫ୍. ଟୁର୍ ସୁପର ହଣ୍ଡ୍ରେଡ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଚତୁର୍ଥ ଥରପାଇଁ ରାଜ୍ୟରେ ଏହି ଆନ୍ତର୍ଜାତିକ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଚଳିତ ବର୍ଷ ୨୨ଟି ଦେଶର ୪ ଶହରୁ ଅଧିକ କ୍ରୀଡ଼ାବିତ୍ ଟୁର୍ଣ୍ଣାମେଣ୍ଟର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।

୩୭ତମ ଜାତୀୟ ସବ୍-ଜୁନିୟର୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନସିପ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତା ପହିଲାରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ।

*Met. O.*

## ପାଣିପାଗ

ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ । ସର୍ବନିମ୍ନ

ତାପମାତ୍ରା ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

ଅନ୍ୟପକ୍ଷରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଓ ତା'ର ଆଖପାଖ ଶ୍ରୀଲଙ୍କା ଉପକୂଳରେ କେନ୍ଦ୍ରୀଭୂତ ଗଭୀର ଅବପାତ ବାତ୍ୟା 'ଡିଟୱା'ରେ ପରିଣତ ହୋଇଛି । ବାତ୍ୟା 'ସେନ୍ୟାର' ଆଜି ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହେବ ।

*****